# Odisha LTR Practice Mock Test

**Directions (1-2):**ରେଖାଙ୍କିତ ପଦ ଗୁଡ଼ିକ କେଉଁ ପ୍ରକାର ବିଶେଷଣ ଚିହ୍ନାଅ?

**Q1.**ଆଜିର ପାଗ ନିର୍ମଳ। ନିର୍ମଳ
(a) ସର୍ବନାମର ବିଶେଷଣ
(b) ବିଧେୟ ବିଶେଷଣ
(c) ଅବ୍ୟୟର ବିଶେଷଣ
(d) ସର୍ବ ନାମିକ ବିଶେଷଣ

**Q2.**ପୁଅଟି ଅବିକଳ ତା ବାପ ପରି। ଅବିକଳ
(a) ସର୍ବନାମର ବିଶେଷଣ
(b) ବିଧେୟ ବିଶେଷଣ
(c) ଅବ୍ୟୟର ବିଶେଷଣ
(d) ସର୍ବ ନାମିକ ବିଶେଷଣ

**Q3.**ମୋର ଆରତ କର୍ଣ୍ଣେ ଶୁଣି,ଏଥି ବିଜୟ ବେନୁପାଣି।"ଏଥି"କେଉଁ ପ୍ରକାର ସର୍ବନାମ?
(a) ସମୁଚ୍ଚୟୀ ସର୍ବନାମ
(b) ନିର୍ଣ୍ଣାୟକ ସର୍ବ ନାମ
(c) ଆତ୍ମବାଚକ ସର୍ବନାମ
(d) ନିର୍ଦ୍ଦେଶାତ୍ମକ ସର୍ବନାମ

**Q4.**ଏକ ପଦ ପରିବର୍ତ୍ତେ ଯେଉଁ ପଦ ବ୍ୟବହାର କରାଯାଏ ତାକୁ ________କହନ୍ତି।
(a) କ୍ରିୟା
(b) ସର୍ବନାମ
(c) ଅବ୍ୟୟ
(d) ବିଶେଷଣ

**Q5.**କେଉଁ ପଦରେ ବଚନ, କାଳ , ପୁରୁଷ ,ଲିଙ୍ଗ ଓ ଅନ୍ୟ କୌଣସି ପ୍ରକାରର ବିଭକ୍ତି ଲାଗି ନ ଥାଏ?
(a) ବିଶେଷ୍ୟ ପଦ
(b) ସର୍ବନାମ ପଦ
(c) ବିଶେଷଣ ପଦ
(d) ଅବ୍ୟୟ ପଦ

**Q6.**ବଚନ -ପୁରୁଷ-କାଳ-ବିଭକ୍ତି ଚିହ୍ନ ଲାଗି ନ ଥିବା କେଉଁ ପଦ କୌଣସି ଅବସ୍ଥାରେ ବଦଳେ ନାହିଁ।
(a) ବିଶେଷ୍ୟ ପଦ
(b) ସର୍ବନାମ ପଦ
(c) ବିଶେଷଣ ପଦ
(d) ଅବ୍ୟୟ ପଦ

**Q7.**କେଉଁଟି ଏକ ବୈଦେଶିକ ଅବ୍ୟୟ?
(a) ଏବେ
(b) ଆସ୍ତେ ଆସ୍ତେ
(c) କି
(d) ଇଷତ୍

**Q8.**ଯୌଗିକ ଅବ୍ୟୟ ପଦ=
(a) ଅବ୍ୟୟ ପଦ+ ଅବ୍ୟୟ ପଦ
(b) ଅବ୍ୟୟ ପଦ + ସାଧାରଣ ପଦ
(c) ସାଧାରଣ ପଦ +ସାଧାରଣ ପଦ
(d) both a and b

**Q9.**କେଉଁଟି ଏକ ଯୌଗିକ ଅବ୍ୟୟ ପଦ ନୁହେଁ?
(a) କେବେକେବେ
(b) ଏଣୁତେଣୁ
(c) ଅନ୍ୟଥା
(d) ଯଥାଶକ୍ତି

**Directions (10-11):**ସମ୍ବନ୍ଧ ପଦ ଚିହ୍ନାଅ।

**Q10.**ତୁମ ବାପାଙ୍କର ନାମ କ'ଣ?
(a) ବାପାଙ୍କର
(b) ତୁମ
(c) ତୁମ ବାପାଙ୍କର
(d) ନାମ

**Q11.**କବିର ତୁଣ୍ଡ,ମେଣ୍ଢାର ମୁଣ୍ଡ ଅତି ଟାଣ।
(a) କବିର ତୁଣ୍ଡ
(b) କବିର
(c) ମେଣ୍ଢାର
(d) ଉଭୟ b,c

**Directions (12-13):**ସମ୍ବୋଧନ ପଦ ଚିହ୍ନାଅ।

**Q12.**ରସନା ସଂଯତ କର ଦୁଷ୍ଟ।
(a) ରସନା
(b) ସଂଯତ
(c) ଦୁଷ୍ଟ
(d) କର

**Q13.**ବାସୁଦେବ ,କେବେ ମୋର ଦୁଃ ଖ ଦୂର ହେବ?
(a) କେବେ ମୋର
(b) ବାସୁଦେବ
(c) ମୋର
(d) ମୋର ଦୁଃ ଖ

**Directions (14-15):**ଶବ୍ଦର ଗଠନରୀତି ଲେଖ।

**Q14.**ଅବସ୍ଥାନ
(a) ଅବ-ସ୍ଥା-ନ
(b) ଅ-ବି-ସ୍ଥା-ନ
(c) ଅବ-ସ୍ଥା-ଅନ
(d) ଅ-ବ-ସ୍ଥା-ଅନ

**Q15.**ଅତିଶୟ
(a) ଅତି-ଶି-ଅ
(b) ଅତୀ-ଶୀ-ଅ
(c) ଅତି-ଶୀ-ଆ
(d) ଅତି-ଶୀ-ଅ

**Q16.**ପ୍ରତ୍ୟୟ କେତେ ପ୍ରକାରର?
(a) ୨
(b) ୩
(c) ୪
(d) ୫

**Q17.**ପର ପ୍ରତ୍ୟୟ କୁ କ'ଣ କୁହାଯାଏ?
(a) ଉପସର୍ଗ
(b) ପରସର୍ଗ
(c) ପରଉପସର୍ଗ
(d) ପରପରସର୍ଗ

**Directions (18-19):**ଲିଙ୍ଗ ପରିବର୍ତ୍ତନ କର।

**Q18.**ମଳିନ
(a) ମଳିନା
(b) ମଳିନୀ
(c) ମଳିନି
(d) ମଳୀନାନୀ

**Q19.**ମେହେନ୍ତର
(a) ମେହେନ୍ତରା
(b) ମେହେନ୍ତରୀ
(c) ମେହେନ୍ତରାଣୀ
(d) ମେହେନ୍ତରି

**Q20.** ସଠିକ ବାକ୍ୟ ଚିହ୍ନାଅ।
(a) ରାଜା ଶିବି ଗୋଟିଏ ଭୀତ କପୋତମାନଙ୍କୁ ଅଭୟ ଦେଲେ।
(b) ରାଜା ଶିବି ଗୋଟିଏ ଭୀତ କପୋତଟିକୁ ଅଭୟ ଦେଲେ।
(c) ରାଜା ଶିବି ଭୀତ କପୋତଟିକୁ ଅଭୟ ଦେଲେ।
(d) ରାଜା ଶିବି ଗୁଡିଏ ଭୀତ କପୋତଟିକୁ ଅଭୟ ଦେଲେ।

**Q21.** ସଠିକ ବାକ୍ୟ ଚିହ୍ନାଅ।
(a) ହରିପୁର ଗାଁ ର ଗଛ ବାତ୍ୟାରେ ଭାଙ୍ଗିଯାଇଛି।
(b) ହରିପୁର ଗାଁ ର ସବୁ ଗଛ ଯାକ ବାତ୍ୟାରେ ଭାଙ୍ଗିଯାଇଛି।
(c) ହରିପୁର ଗାଁ ର ଗଛ ଯାକ ବାତ୍ୟାରେ ଭାଙ୍ଗିଯାଇଛି।
(d) ହରିପୁର ଗାଁ ର ସବୁ ଗଛ ବାତ୍ୟାରେ ଭାଙ୍ଗିଯାଇଛି।

Adda247

**Directions (22-23):**ବଚନ ଚିହ୍ନାଅ।

**Q22.**"ଅନେକ ଝିଅ" ଅନେକ ଏକ କେଉଁ ପ୍ରକାର ପଦ?
(a) ସଂଯୋଜକ ପଦ
(b) ଅଭିଯୋଜକ ପଦ
(c) ଉଭୟ
(d) କେଉଁଟି ନୁହେଁ

**Q23.**ପିଲାଏ ରେ ଏ କେଉଁ ପ୍ରକାର ପଦ?
(a) ସଂଯୋଜକ ପଦ
(b) ଅଭିଯୋଜକ ପଦ
(c) ଉଭୟ
(d) କେଉଁଟି ନୁହେଁ

**Directions (24-25):**କର୍ତ୍ତା ପଦ ଚିହ୍ନାଅ।

**Q24.**ଗୁଣବନ୍ତ ସମସ୍ତଙ୍କ ଆଦରର ପାତ୍ର ହୋଇଥାଏ।
(a) ସମସ୍ତଙ୍କ
(b) ଗୁଣବନ୍ତ
(c) ଆଦରରପାତ୍ର
(d) କେଉଁଟି ନୁହେଁ

**Q25.**କାଲି ଖେଳ ହେବ କି ନାହିଁ ,ବର୍ଷା ଉପରେ ନିର୍ଭର କରେ।
(a) କାଲି ଖେଳ
(b) କାଲି ଖେଳ ହେବ କି ନାହିଁ
(c) ବର୍ଷା ଉପରେ
(d) ଖେଳ

**Q26.** ସୁଦାମ କଟକରେ ରହି ବ୍ୟବସାୟ କରୁଛି | ରେଖାଙ୍କିତ ପଦଟି କେଉଁ ପ୍ରକାର ବିଶେଷ୍ୟ?
(a) ନାମ
(b) ସଂଜ୍ଞା
(c) ବ୍ୟକ୍ତି
(d) ସମସ୍ତ ଉତ୍ତର ଠିକ୍

**Q27.** ଯେଉଁ ବିଶେଷ୍ୟପଦ କୌଣସି ନିର୍ଦ୍ଦିଷ୍ଟ କ୍ରିୟା ବା କାର୍ଯ୍ୟର ନାମକୁ ବୁଝାଏ, ତାହାକୁ କ'ଣ କୁହାଯାଏ?
(a) ନାମବାଚକ ବିଶେଷ୍ୟ
(b) କ୍ରିୟାବାଚକ ବିଶେଷ୍ୟ
(c) ଗୁଣବାଚକ ବିଶେଷ୍ୟ
(d) ଜାତିବାଚକ ବିଶେଷ୍ୟ

**Q28.** ଅଭ୍ୟାସ ବା ନିପୁଣ ଅର୍ଥରେ କେଉଁଟି 'ଆଳି' ପ୍ରତ୍ୟୟ ?
(a) ରନ୍ଧାଳି
(b) ଚଇତାଳି
(c) ଖେଳାଳି
(d) ଦୀପାଳି

**Q29.** ନିମ୍ନୋକ୍ତ ଶବ୍ଦମାନଙ୍କ ମଧ୍ୟରୁ ତଦ୍ଧିତ ପଦକୁ ନିର୍ଣ୍ଣୟ କର |
(a) ଶ୍ରଦ୍ଧାଳୁ
(b) ଅସ୍ତ୍ର
(c) ଭାସମାନ
(d) ନମ୍ର

**Q30.** 'ସମୁଦ୍ରଗଭୀର' ଉକ୍ତ ପଦଟି କେଉଁ ସମାସ ?
(a) ଉପମାନ କର୍ମଧାରୟ ସମାସ
(b) ଉପମେୟ କର୍ମଧାରୟ ସମାସ
(c) ରୂପକ କର୍ମଧାରୟ ସମାସ
(d) ମଧ୍ୟପଦଲୋପୀ କର୍ମଧାରୟ ସମାସ

**Q31.** 'ଜାୟା ଓ ପତି' ଏହି ବ୍ୟାସ ବାକ୍ୟଟିର ସମସ୍ତ ପଦ କ'ଣ ହେବ ?
(a) ଦମ୍ପତି
(b) ଜାୟାପତି
(c) ଜାୟାର ପତି
(d) କେଉଁଟି ନୁହେଁ

**Q32.** ବହନ କରିବା କେଉଁ କ୍ରିୟା ନିର୍ଣ୍ଣୟ କର?
(a) ମିଶ୍ର
(b) ଅମିଶ୍ର
(c) ଅସମାପିକା
(d) ସକର୍ମକ

**Q33.** ଭିକାରି ପବନକୁ ପଇସା ମାଗିଲା | ଉକ୍ତ ବାକ୍ୟର କ୍ରିୟାର ରୂପ ସ୍ଥିର କର |
(a) ସକର୍ମକ
(b) ଅକର୍ମକ
(c) ଦ୍ଵିକର୍ମକ
(d) ଏଗୁଡିକ ମଧ୍ୟରୁ କେଉଁଟି ବି ନୁହେଁ

**Q34.** 'ଦେଶଦ୍ରୋହୀକୁ ଧିକ୍' ରେଖାଙ୍କିତ ପଦର ସକାରଣ ବିଭକ୍ତି ନିର୍ଣ୍ଣୟ କଲେ କ'ଣ ହେବ ?
(a) ଅନୁସାରେ ଦ୍ଵିତୀୟା ବିଭକ୍ତି
(b) ଧିକ୍ ଯୋଗେ ଦ୍ଵିତୀୟା ବିଭକ୍ତି
(c) ବ୍ୟାପ୍ତି ଅର୍ଥରେ ଦ୍ଵିତୀୟା ବିଭକ୍ତି
(d) ବିପ୍ସା ଅର୍ଥରେ ଦ୍ଵିତୀୟା ବିଭକ୍ତି

**Q35.** ମୋତେ ରସଗୋଲା ଭଲ ଲାଗେ | ରେଖାଙ୍କିତ ପଦଟିର ବିଭକ୍ତି ସ୍ଥିର କର |
(a) ଦ୍ଵିତୀୟା
(b) ତୃତୀୟା
(c) ଚତୁର୍ଥୀ
(d) ପଞ୍ଚମୀ

**ନିମ୍ନଲିଖିତ ଅନୁଚ୍ଛେଦ ପଢି ପ୍ରଶ୍ନ (36-40)ର ଉତ୍ତର ଦିଅନ୍ତୁ ।**

ପାରିପାର୍ଶ୍ୱିକ ଅବସ୍ଥା ସହିତ ମିଳାଇ ଚାଲିବା ହେଉଛି ଜୀବନୀ ଶକ୍ତିର ପ୍ରଧାନ ଧର୍ମ । ସମୟ ତଥା ବିଭିନ୍ନ ପାରିପାର୍ଶ୍ୱିକ ଅବସ୍ଥା ଭେଦରେ ମନୁଷ୍ୟ ଚିନ୍ତା ରାଜ୍ୟରେ ବିଭିନ୍ନ ବିଶ୍ୱାସ ଓ ଆଦର୍ଶକୁ ଗ୍ରହଣ କରିଥାଏ । ମଣିଷ ଏପରି ଏକ ପ୍ରାଣୀ ସେ ତାହାର ବିଶ୍ୱାସ ଆଦର୍ଶକୁ ସହଜରେ ଛାଡିପାରେ ନାହିଁ । ପ୍ରାଚୀନକାଳରୁ ଆଜି ପର୍ଯ୍ୟନ୍ତ ମଣିଷ ତାହାର ଆଦର୍ଶଦ୍ୱାରା ପରିଚାଳିତ ହୋଇ ଉନ୍ନତ ମାନସିକତାର ପରିଚୟ ଦେଇ ସଭ୍ୟତା, ସଂସ୍କୃତି ଦିଗରୁ ପ୍ରଗତିଶୀଳ ହୋଇ ପାରିଥିଲେ । ଦିନେ ପ୍ରକୃତିକୁ ମଣିଷ ପୂଜା କରୁଥିଲା । କାରଣ ସେ ମନୁଷ୍ୟର ଆବଶ୍ୟକତାକୁ ପୂରଣ କରୁଥିଲେ । ସୂର୍ଯ୍ୟ, ଚନ୍ଦ୍ର, ବରୁଣ, ଇନ୍ଦ୍ର ପ୍ରଭୃତିଙ୍କୁ ସର୍ବଶକ୍ତିମାନ ଭାବି ପୂଜା କରୁଥିଲେ । ଏହି ବିଶ୍ୱାସ ପ୍ରଭାବରେ ସୃଷ୍ଟିକର୍ତ୍ତା ଈଶ୍ୱର ଅସୀମ ଓ ସର୍ବଜ୍ଞତା ଭାବରେ ମଣିଷର ବିଶ୍ୱାସକୁ ନିୟନ୍ତ୍ରିତ କରିଥାନ୍ତି ।

ଆଧୁନିକ ଯୁଗର ବିଜ୍ଞାନର ନବ ନବ ଆବିଷ୍କାର ଓ ବିଜ୍ଞାନସମ୍ମତ ବିଚାରଧାରାର ବିକାଶ ସର୍ତ୍ତ୍ୱେ ଆମ ଦେଶର ଲୋକମାନଙ୍କ ମଧ୍ୟରେ ପ୍ରାଚୀନ ବିଶ୍ୱାସ ଓ ଆଦର୍ଶ ଏବେ ମଧ ଦୃଢ ରହିଛି, ଯାହା ଫଳରେ ଆମେ ପୁରୁଣା ବିଶ୍ୱାସକୁ ଜାବୁଡି ଧରି କୁସଂସ୍କାରଗ୍ରସ୍ତ ହୋଇ ସ୍ଥାଣୁ ଓ ଦୁର୍ବଳ ହୋଇ ପଡିଥିବାବେଳେ ଅନ୍ୟ ଦେଶର ଲୋକମାନେ ଯୁଗଧର୍ମକୁ ଗ୍ରହଣ କରି ଆଗକୁ ମାଡି ଚାଲିଛନ୍ତି । ଆମ ଦେଶର ମାନସିକତାରେ ପରିବର୍ତ୍ତନ ଏତେ ସହଜରେ ଆସିନାହିଁ । ଆଧୁନିକ ବିଚାର ଓ ଆଭିମୁଖ୍ୟ ପ୍ରକାଶ ପାଇଲେ ମଧ ପ୍ରାଚୀନ ବିଶ୍ୱାସ ଅତୁଟ ରହିଛି । ଆଧୁନିକ ବିଜ୍ଞାନର ଭାବବୋଧକୁ ବୁଝିପାରୁଥିଲେ ମଧ ପ୍ରାଚୀନ ବିଶ୍ୱାସକୁ ଛାଡି ନ ପାରିବା ଫଳରେ ମାନସିକ ଦ୍ୱନ୍ଦ ଦେଖାଯାଇଥାଏ । ଆମ ଦେଶେ ଜ୍ଞାନର ସୀମା ବୃଦ୍ଧି ପାଇଲେ କି ବୈଜ୍ଞାନିକ ଚିନ୍ତାଧାରାର ଅଭିବୃଦ୍ଧି ଘଟିଲେ ମଧ ଆମ ଦେଶର ଡାକ୍ତର ପୁତ୍ରର ସ୍ୱାସ୍ଥ୍ୟ ପାଇଁ ଠାକୁରାଣୀଙ୍କ ନିକଟରେ ମାନସିକ କରୁଛି । ସମାଜସେବୀ ନେତାମାନେ ଜାତି, ବର୍ଣ୍ଣ, ଧର୍ମବିହୀନ ସମାଜ ଗଠନ ପାଇଁ ଭାଷଣ ଦେଉନାରାୟଣ ଥିଲାବେଳେ ପୁତ୍ରର ବ୍ରତଘର କରୁଛନ୍ତି । ହରିଜନମାନଙ୍କୁ ମନ୍ଦିର ବାରଣ କରୁଛନ୍ତି । 'ସକଳଘଟେ ନାରାୟଣ' କହି ହରିଜନଙ୍କୁ ଅଛୁଆଁ କହିବାକୁ ପଶ୍ଚାତପଦ ହେଉନାହାନ୍ତି ; ଫଳରେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ମାନସିକ ଦ୍ୱନ୍ଦ୍ୱ ଦେଖାଦେଇ ସମାଜର କ୍ଷତି ସାଧନ କରୁଛନ୍ତି । ଏହାଦ୍ୱାରା ମଣିଷର ମନ ଦୁର୍ବଳ ହୋଇପଡୁଛି । କାମ କରିବାର ଦୃଢ଼ତା ହ୍ରାସ ପାଇ ଆତ୍ମବିଶ୍ୱାସର ଅଭାବ ଦେଖାଯାଉଛି । ଏହି ମାନସିକ ଦୁର୍ବଳତା ଯୋଗୁଁ ଦେଶ ଓ ଜାତିର ପ୍ରଗତି ବିଡ଼ମ୍ବିତ ହେଉଛି ।

**Q36.**ଜୀବନୀ ଶକ୍ତିର ପ୍ରଧାନ ଧର୍ମ କ'ଣ ?
(a)ପାରିପାର୍ଶ୍ୱିକ ଅବସ୍ଥା ସହିତ ମିଳାଇ ଚାଲିବା
(b)ଆଦର୍ଶକୁ ଗ୍ରହଣ କରିବା
(c)ବିଶ୍ୱାସ କରିବା
(d)ଆଦର୍ଶଦ୍ୱାରା ପରିଚାଳିତ ହେବା

**Q37.**ଦିନେ ପ୍ରକୃତିକୁ କିଏ ପୂଜା କରୁଥିଲା ?
(a)ମଣିଷ
(b)ପକ୍ଷୀ
(c)ସଂସ୍କୃତି
(d)ବିଜ୍ଞାନ

**Q38.**ଅନ୍ୟ ଦେଶର ଲୋକମାନେ କିପରି ଆଗକୁ ମାଡି ଚାଲିଛନ୍ତି ?
(a)କୁସଂସ୍କାର ଗ୍ରସ୍ତ ହୋଇ
(b) ଯୁଗଧର୍ମକୁ ଗ୍ରହଣ କରି
(c)ବିଶ୍ୱାସ ଅତୁଟ ରଖି
(d)ବୈଜ୍ଞାନିକ ଚିନ୍ତାଧାରା ନେଇ

**Q39.**ଦେଶ ଓ ଜାତିର ପ୍ରଗତି କାହିଁକି ବିଡ଼ମ୍ବିତ ହେଉଛି ?
(a)ଆତ୍ମବିଶ୍ୱାସର ଅଭାବରୁ
(b)ଜ୍ଞାନର ସୀମାବୃଦ୍ଧି ହେତୁ
(c)କାମ କରିବାର ଦୃଢ଼ତା ହ୍ରାସ ଯୋଗୁଁ
(d)ମାନସିକ ଦୁର୍ବଳତା ଯୋଗୁଁ

**Q40.**'ଉନ୍ନତ' ର ବିପରୀତ ଶବ୍ଦ କ'ଣ ?
(a)ସମ୍ମୁନ୍ନତ
(b)ଅବନତ
(c)ଅନୁନ୍ନତ
(d)ଅନୁର୍ନତ

**ନିମ୍ନଲିଖିତ ଅନୁଚ୍ଛେଦଟି ପଢି ପ୍ରଶ୍ନ (41-45)ର ଉତ୍ତର ଦିଅନ୍ତୁ ।**

ପ୍ରକୃତ ଧର୍ମ ସହନଶୀଳତା ଓ ସହଯୋଗ ବଢ଼ାଇ ଶାନ୍ତି, ପ୍ରଗତି ଓ ସମୃଦ୍ଧି ଘଟାଇଥାଏ । ପ୍ରକୃତରେ ଦେଖିବାକୁ ଗଲେ ଧର୍ମରେ କୌଣସି ତ୍ରୁଟି ନାହିଁ । ସବୁ ଧର୍ମ କଲ୍ୟାଣର ବାର୍ତ୍ତା ପ୍ରଚାର କରିଥାନ୍ତି । କେବଳ ଧର୍ମୋନ୍ମତ୍ତମାନେ ସମସ୍ତ ପ୍ରକାର ବିଶୃଙ୍ଖଳା ଘଟାଇଥାନ୍ତି । ସେଇମାନେ କେବଳ ଧର୍ମକୁ ଅଫିମ ନିଶାରେ ପରିଣତ କରିଥାନ୍ତି । ପ୍ରକୃତ ଧର୍ମବିଶ୍ୱାସୀ ଲୋକର ମନ ଉପରେ ସବୁ ନିର୍ଭର କରେ - ସେ ଏହାର (ଧର୍ମର) ସଦବ୍ୟବହାର ଅସଦବ୍ୟବହାର କରିପାରେ । ସେ ଏହାକୁ ନିନ୍ଦିତ କରିପାରେ । ଖ୍ରୀଷ୍ଟଧର୍ମର ପ୍ରବର୍ତ୍ତକ ଯୀଶୁ କହନ୍ତି - ଦେଖ, ମୁଁ ଦ୍ୱାର ପାର୍ଶ୍ୱରେ ଠିଆ ହୋଇ ଆଘାତ କରୁଛି, ଯଦି କୌଣସି ଲୋକ ମୋର ଧ୍ୱନି ଶୁଣେ ଏବଂ ଦ୍ୱାର ଖୋଲେ, ମୁଁ ତା ନିକଟକୁ ଆସିବି, ତା ସହ ଭୋଜନ କରିବି, ସେ ମୋ ସହିତ ଭୋଜନ କରିବ । ଖ୍ରୀଷ୍ଟୀୟ ଅନୁଶାସନ କହେ - ତୁମର ସମଗ୍ର ହୃଦୟ, ଆତ୍ମା ଶକ୍ତି ଦେଇ ତୁମେ ତୁମର ଈଶ୍ୱରଙ୍କୁ ଭଲ ପାଇବ । ଯେଉଁମାନେ ଏଇ ଧର୍ମୀୟ ଅନୁଶାସନର ଅନୁସରଣ କରନ୍ତି ସେମାନେ ସାର୍ବଜନୀନ ଧର୍ମ ମନ୍ଦିରର ମଣିଷ । ଅନ୍ୟମାନେ ଆମ ପ୍ରତି ଯେପରି ବ୍ୟବହାର ପ୍ରଦର୍ଶନର ଆଶା କରୁ, ଆମ୍ଭେମାନେ ଅନ୍ୟମାନଙ୍କ ପ୍ରତି ସେହି ପ୍ରକାର ବ୍ୟବହାର ପ୍ରଦର୍ଶନ କରିବା ଉଚିତ । ହିନ୍ଦୁଧର୍ମ ଏଇ ଆଦର୍ଶରେ ଦୃଢ଼ ବିଶ୍ୱାସ ସ୍ଥାପନ କରେ, ହିନ୍ଦୁଧର୍ମ କିଛି ସାଂପ୍ରଦାୟିକ ଧର୍ମ ନୁହେଁ । ବେଦ, ଉପନିଷଦ, ବେଦାନ୍ତ, ପୁରାଣ ଓ ଗୀତାରେ ମୁନି ଋଷିଙ୍କ ଅନୁଭବର ବାଣୀ ଅନୁଧ୍ୟାନ କଲେ ଜଣାଯିବ ଯେ ଏହା ଦେଶ କାଳ ପାତ୍ର ଓ ସଂପ୍ରଦାୟର ଉର୍ଦ୍ଧ୍ୱରେ ସମଗ୍ର ବିଶ୍ୱର କଲ୍ୟାଣ ଚାହିଁଛି । ମନ୍ତ୍ରଦ୍ରଷ୍ଟା ଋଷିଙ୍କ ନିକଟରେ ଦେଶୀ ଓ ବିଦେଶୀ ଭେଦଭାବ ନାହିଁ । ସମଗ୍ର ବସୁଧା ତା ନିକଟରେ ଏକ ପରିବାର । ବିଷ୍ଣୁ ପୁରାଣ କହେ - ସର୍ବତ୍ର ନିଜ ଭଳି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବ । ଏଇ ସମତ୍ୱ ବା ସମଦର୍ଶନ ହେଉଛି ଭଗବାନଙ୍କର ପୂଜା । ଉପନିଷଦ, ବ୍ରହ୍ମସୂତ୍ର, ଶ୍ରୀମଦ୍ ଭଗବଦ୍ ଗୀତା ଓ ଶ୍ରୀମଦ୍ ଭାଗବତରେ ଏଇ ସମଦର୍ଶନର ବାଣୀ ଉପଦେଶ ଛଳରେ ନାନା ଘଟଣାରେ ବର୍ଣ୍ଣନା କରାଯାଇଛି । ପୁଣି ହିନ୍ଦୁ ଧର୍ମର ସନ୍ତାନ ବୌଦ୍ଧଧର୍ମ ପ୍ରେମ ଓ ସହାନୁଭୂତି (କରୁଣା) ଜରିଆରେ ଜାତି ଓ ଦେଶଗତ ପ୍ରତିବନ୍ଧକ ଅତିକ୍ରମ କରିବାର ଘୋଷଣା କରିଛି । ଏ ପ୍ରକାର ଧର୍ମରେ ସାଂପ୍ରଦାୟିକ ସଂକୀର୍ଣ୍ଣତା ନାହିଁ । ଏହା ସର୍ବଦା ଗଠନ ଧର୍ମୀ, ଶାନ୍ତ ଓ ପବିତ୍ର । ଏ ପ୍ରକାର ଧର୍ମ ଅମୃତ ଓ ଶାଶ୍ୱତ ଆନନ୍ଦର ସନ୍ଧାନ ଦିଏ । ବୈଦିକ ଋଷିଙ୍କ ବାଣୀ ଦେଶ, କାଳ ଓ ଜାତିର ଉର୍ଦ୍ଧ୍ୱରେ ସମଗ୍ର ମାନବ ଜାତି ପାଇଁ ଅଭିପ୍ରେତ । ତାଙ୍କ ଦୃଷ୍ଟିରେ ମାନବ ମାତ୍ରେ ଅମୃତର ସନ୍ତାନ । ତେଣୁ ସେ ଉଦାର କଣ୍ଠରେ ଗାଇଛନ୍ତି ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ । ଭାରତର ଏଇ ସନାତନ ବୈଦିକ ଧର୍ମର ସାର୍ବଜନୀନ ଆବେଦନ ପ୍ରାଚ୍ୟ, ପାଶ୍ଚାତ୍ୟ ମନୀଷୀ, ଦାର୍ଶନିକ ଓ ଲେଖକମାନଙ୍କୁ ପ୍ରଶଂସାମୁଖର କରିଛି । ଭାରତୀୟ ଧର୍ମ ଓ ସଂସ୍କୃତିର ମହତ୍ତ୍ୱ ସଂପର୍କରେ ମାକ୍ସମୁଲର, ରୋମାରୋଲା, ଇମର୍ଶନ, ସୋପେନ୍ ହାଓୟାର୍ ଓ ବିଶ୍ୱବିଖ୍ୟାତ ଐତିହାସିକ ଡଃ ଆରନ୍ ଲଡ ଟୟନ୍ ବିଙ୍କ ଉଚ୍ଛ୍ୱସିତ ପ୍ରଶଂସା ପ୍ରଣିଧାନଯୋଗ୍ୟ ।

**Q41.** କେଉଁମାନେ କଲ୍ୟାଣର ବାର୍ତ୍ତା ପ୍ରଚାର କରୁଥିବା ଧର୍ମକୁ ଅଫିମ ନିଶାରେ ପରିଣତ କରିଥାନ୍ତି ?
(a)ଧର୍ମଗୁରୁ
(b)ଧର୍ମପ୍ରଚାରକ
(c)ଧର୍ମୋନ୍ମତ୍ତମାନେ
(d)ସାଧୁ ସନ୍ଥ

**Q42.** ଖ୍ରୀଷ୍ଟୀୟ ଅନୁଶାସନ କ'ଣ କହେ ?
(a)ଈଶ୍ୱରଙ୍କୁ ଭଲ ପାଇବା
(b)ଈଶ୍ୱରଙ୍କୁ ପୂଜା କରିବା
(c)ଈଶ୍ୱରଙ୍କୁ ଧ୍ୟାନ କରିବା
(d)ଉପୋରକ୍ତ ସମସ୍ତ

**Q43.** ନିମ୍ନୋକ୍ତ କେଉଁଟି ହିନ୍ଦୁମାନଙ୍କର ଧର୍ମଗ୍ରନ୍ଥ ଅଟେ ?
(a)ଗୀତା
(b)କୋରାନ୍
(c)ବାଇବେଲ୍
(d)ଉପୋରକ୍ତ କେଉଁଟି ନୁହେଁ

**Q44.** ସମଦର୍ଶୀଚେତନା କେଉଁ ପୁରାଣରେ ଲିଖିତ ହୋଇଛି ?
(a)ଶିବପୁରାଣ
(b)ବିଷ୍ଣୁପୁରାଣ
(c)ହନୁମାନ ଚାଳିଶା
(d)ମହାଭାରତ

**Q45.** ମାନବମାତ୍ରେ ଅମୃତର ସନ୍ତାନ। ଏହି ଉକ୍ତିଟି କେଉଁ ଧର୍ମର ମୂଳମନ୍ତ୍ର ?
(a)ବୌଦ୍ଧଧର୍ମ
(b)ଖ୍ରୀଷ୍ଟଧର୍ମ
(c)ହିନ୍ଦୁଧର୍ମ
(d)ବାହାହିଧର୍ମ

**ନିମ୍ନଲିଖିତ ଅନୁଚ୍ଛେଦ ପଢି ପ୍ରଶ୍ନ (46-50)ର ଉତ୍ତର ଦିଅନ୍ତୁ ।**

ଚରିତ୍ରର ବଳ ଅନନ୍ତ । ସେ ବଳ ପାଖେ ଅନ୍ୟ ବଳ, ବଳ ନୁହେଁ । ମନୁଷ୍ୟ ଯାହା ହେବ, ବା ଯାହା କରିବ, ସବୁ ତାହାର ଚରିତ୍ରର ଅନ୍ତର୍ଗତ । ଚରିତ୍ରରେ ସ୍ଥିତି, ଚରିତ୍ରରେ ମୁକ୍ତି ଅର୍ଥାତ ମାନବ ଜୀବନର ସାର୍ଥକତା । ମନୁଷ୍ୟର ଆଉ କି ବଳ ଲୋଡ଼ା ? ଶରୀର ମନର ଅଧୀନ । କ୍ରିୟା ଇଚ୍ଛାର ଦାସ । ଶରୀର ବଳ, ବଳ ନୁହେଁ । ଶାରୀରିକ କର୍ମ କର୍ମ ନୁହେଁ । ସବୁ ବଳର ଆଧାର ମନରେ । କାର୍ଯ୍ୟ ହିଁ ବଳର ଅଭିବ୍ୟକ୍ତି । କାର୍ଯ୍ୟର କେନ୍ଦ୍ର ଇଚ୍ଛାରେ । ଇଚ୍ଛା ମନର ଏକ ବିକାଶ । ସେହି ମନର ବଳରେ ସେହି ଇଚ୍ଛାର ପ୍ରଭାବରେ ସାଂଘାତିକ ଆଘାତ ପାଇ ମଧ୍ୟ ସୈନିକ ଜାଣି ନ ପାରି ଅନନ୍ତ ଉତ୍ସାହରେ ଯୁଦ୍ଧରେ ମାତି ରହିଥାଏ । ଯୋଗୀମାନେ ମଧ୍ୟ ସେହି ମନକୁ ଅଧୀନ କରିଥାନ୍ତି ବୋଲି ଶରୀରରେ ଉପଦ୍ରବ ହେଲେ ଜାଣିପାରନ୍ତି ନାହିଁ । ତୁମେ ଜାଣିଥିବ, ବେଳେବେଳେ ଗଭୀର ଭାବରେ ଚିନ୍ତା କଲାବେଳେ ଅମିତ ମନୋନିବେଶ ସହିତ ଅଙ୍କ କଷିଲାବେଳେ, ଚିମୁଟି ଦେଲେ ତୁମ୍ଭଙ୍କୁ ଜଣାପଡେ ନାହିଁ । ଶରୀର ମନର ସମ୍ପୂର୍ଣ୍ଣ ଅଧୀନ ଓ ଦାସ । ଅଭ୍ୟାସରେ ଚରିତ୍ର ବଳରେ ତାହା ସମ୍ୟକ୍ ରୂପେ ସିଦ୍ଧ କରି ନେବାକୁ ହୁଏ । ଚରିତ୍ର ଗଠିତ ହେଲେ ଏଥିରେ ଆଉ ଆୟାସ ବା ଅସୁବିଧା ରହେ ନାହିଁ ।

**Q46.**ଯୋଗୀମାନେ ଶରୀରରେ ଉପଦ୍ରବ ହେଲେ ଜାଣିପାରନ୍ତି ନାହିଁ - କାରଣ

(a)ସବୁବେଳେ ତପସ୍ୟା କରୁଥିବା ହେତୁ

(b)ଶାରୀରିକ କର୍ମ କରୁନଥିବା ହେତୁ

(c)ସେମାନଙ୍କର ଚରିତ୍ର ଉତ୍ତମ ହୋଇଥିବା ହେତୁ

(d)ସେମାନେ ମନକୁ ନିଜ ଆୟତ୍ତରେ ରଖିଥିବା ହେତୁ

**Q47.**ଏହି ଅନୁଚ୍ଛେଦଟିରେ 'ଇଚ୍ଛା' ସମ୍ପର୍କରେ କ'ଣ କୁହାଯାଇନାହିଁ ?

(a)କାର୍ଯ୍ୟର କେନ୍ଦ୍ର

(b)ମନର ବିକାଶ

(c)କ୍ରିୟାର ଦାସ

(d)କ୍ରିୟାକୁ ଦାସ କରିବା

**Q48.**ନିମ୍ନୋକ୍ତ ମଧ୍ୟରୁ କେଉଁଟିକୁ ଅଭ୍ୟାସରେ, ଚରିତ୍ର ବଳରେ ସମ୍ୟକ୍ ରୂପେ ସିଦ୍ଧ କରିନେବାକୁ ହୁଏ ?

(a)ମନକୁ ଶରୀରର ଅଧୀନ

(b)ଶରୀରକୁ ମନର ଅଧୀନ

(c)ଇଚ୍ଛାକୁ ସମ୍ପୂର୍ଣ୍ଣ ମୁକ୍ତି

(d)ଶାରୀରିକ ବଳକୁ କର୍ମରେ ରୂପାନ୍ତରିତ କରିବା

**Q49.**ଅଙ୍କ କଷିଲାବେଳେ ଚିମୁଟି ଦେଲେ ଆମ୍ଭଙ୍କୁ ଜଣାପଡେ ନାହିଁ, କାରଣ -

(a)ଏକମନ ହୋଇ ଅଙ୍କକଷୁଥିବାରୁ

(b)ଇଚ୍ଛା ଦ୍ଵାରା ଚାଳିତ ହୋଇ କର୍ମ କରୁଥିବାରୁ

(c)ଅଙ୍କ କଷିବାରେ ଜୀବନର ସାର୍ଥକତା ଥିବାରୁ

(d)ମନର ବିକାଶ ଘଟିଥିବାରୁ

**Q50.**ଏହି ଅନୁଚ୍ଛେଦଟିରେ 'ଆୟାସ' ଶବ୍ଦଟି କେଉଁ ଅର୍ଥରେ ପ୍ରୟୋଗ ହୋଇଛି ?

(a)ଯତ୍ନ

(b)ଶ୍ରମ

(c)ଚେଷ୍ଟା

(d)କ୍ଳାନ୍ତି

# Solutions

**S1. Ans.(b)**
**Sol.** ବିଧେୟ ବିଶେଷଣ
ବିଶେଷଣ ପଦ ବିଶେଷ୍ୟ ପଦ ର ପରେ ବ୍ୟବହୃତ ହୋଇଛି ।

**S2. Ans.(c)**
**Sol.** ଅବ୍ୟୟ ବିଶେଷଣ
"ଅବିକଳ" ପଦଟି "ପରି" ଅବ୍ୟୟ ପଦର ବିଶେଷତ୍ୱକୁ ବୁଝାଉଛି

**S3. Ans.(a)**
**Sol.** ସମୁଚ୍ଚୟୀ ସର୍ବନାମ
ଏଥି ସର୍ବନାମ ଦୁଇଟି ବାକ୍ୟ କୁ ଯୋଡୁଛି ।

**S4. Ans.(b)**
**Sol.** ପଦ ପରିବର୍ତ୍ତେ ଯେଉଁ ପଦ ବ୍ୟବହାର କରାଯାଏ ତାକୁ ସର୍ବନାମ କହନ୍ତି ।

**S5. Ans.(d)**
**Sol.** ଅବ୍ୟୟ ପଦରେ ବଚନ, କାଳ , ପୁରୁଷ ,ଲିଙ୍ଗ ଓ ଅନ୍ୟ କୌଣସି ପ୍ରକାରର ବିଭକ୍ତି ଲାଗି ନ ଥାଏ ।

**S6. Ans.(d)**
**Sol.** ବଚନ -ପୁରୁଷ-କାଳ-ବିଭକ୍ତି ଚିହ୍ନ ଲାଗି ନ ଥିବା ଅବ୍ୟୟ ପଦ ର କୌଣସି ଅବସ୍ଥାରେ ବଦଳେ ନାହିଁ ।

**S7. Ans.(b)**
**Sol.** ଆସ୍ତେ ଆସ୍ତେଏକ ବୈଦେଶିକ ଅବ୍ୟୟ ।

**S8. Ans.(d)**
**Sol.** Both a and b
ଯୌଗିକ ଅବ୍ୟୟ ପଦ=ଅବ୍ୟୟ ପଦ+ ଅବ୍ୟୟ ପଦ
ଯୌଗିକ ଅବ୍ୟୟ ପଦ=ଅବ୍ୟୟ ପଦ + ସାଧାରଣ ପଦ

**S9. Ans.(a)**
**Sol.** କେବେକେବେ ଏକ ଯୌଗିକ ଅବ୍ୟୟ ପଦ ନୁହେଁ ।

**S10. Ans.(a)**
**Sol.** ବାପାଙ୍କର ସମ୍ବନ୍ଧ ପଦ
ବାପାଙ୍କର ନାମ

**S11. Ans.(d)** ଉଭୟ b,c
**Sol.** କବିର,ମେଣ୍ଢାର ସମ୍ବନ୍ଧ ପଦ

**S12. Ans.(c)**
**Sol.** ଦୁଷ୍ଟ ସମ୍ବୋଧନ ପଦ- ଯାହାକୁ ଡାକି କିଛି କୁହାଯାଏ ତାହାକୁ ସମ୍ବୋଧନ ପଦ କୁହାଯାଏ ।

**S13. Ans.(b)**
**Sol.** ବାସୁଦେବ ସମ୍ବୋଧନ ପଦ- ଯାହାକୁ ଡାକି କିଛି କୁହାଯାଏ ତାହାକୁ ସମ୍ବୋଧନ ପଦ କୁହାଯାଏ ।

**S14. Ans.(c)**
**Sol.** ଅବ-ସ୍ଥା-ଅନ

**S15. Ans.(d)**
**Sol.** ଅତି-ଶୀ-ଅ

**S16. Ans.(a)**
**Sol.** ପ୍ରତ୍ୟୟ ୨ ପ୍ରକାର।

**S17. Ans.(b)**
**Sol.** ପର ପ୍ରତ୍ୟୟକୁ ପରସର୍ଗ କୁହାଯାଏ।

**S18. Ans.(a)**
**Sol.** ମଳିନା

**S19. Ans.(c)**
**Sol.** ମେହେନ୍ତରାଣୀ

**S20. Ans.(c)**
**Sol.** ରାଜା ଶିବି ଭୀତ କପୋତଟିକୁ ଅଭୟ ଦେଲେ।

**S21. Ans.(b)**
**Sol.** ହରିପୁର ଗାଁ ର ସବୁ ଗଛ ଯାକ ବାତ୍ୟାରେ ଭାଙ୍ଗିଯାଇଛି।

**S22. Ans.(b)**
**Sol.** ଅଭିଯୋଜକ ପଦ
'ଝିଅ' ପଦ ପୂର୍ବରୁ 'ଅନେକ' ବହୁତ୍ୱ ସୂଚକ ପଦ ବସିଛି।

**S23. Ans.(a)**
**Sol.** ସଂଯୋଜକ ପଦ
ପିଲା ପଦର ପରେ ଏ ଲାଗିଛି।

**S24. Ans.(b)**
**Sol.** ଗୁଣବନ୍ତ
"କିଏ ଆଦରର ପାତ୍ର ହୋଇଥାଏ"ପ୍ରଶ୍ନର ଉତ୍ତର ହେଉଛି ଗୁଣବନ୍ତ ତେଣୁ ଗୁଣବନ୍ତ ଏଠାରେ କର୍ତ୍ତା।
କ୍ରିୟା ପଦ ପୂର୍ବରୁ କିଏ, କ'ଣ ଲଗାଇ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳେ ତାହା କର୍ତ୍ତା କାରକ।

**S25. Ans.(b)**
**Sol.** "କିଏ /କଣ "ପ୍ରଶ୍ନର ଉତ୍ତର ବାକ୍ୟ ଖଣ୍ଡ "କାଲି ଖେଳ ହେବ କି ନାହିଁ" ଅଟେ । ତେଣୁ ସମ୍ପୂର୍ଣ୍ଣ ବାକ୍ୟ ଖଣ୍ଡ ଟି ଏହାର କର୍ତ୍ତା।
କ୍ରିୟା ପଦ ପୂର୍ବରୁ କିଏ, କ'ଣ ଲଗାଇ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳେ ତାହା କର୍ତ୍ତା କାରକ।

**S26.Ans.(d)**
**Sol.** ସୁଦାମ କଟକରେ ରହି ବ୍ୟବସାୟ କରୁଛି | ରେଖାଙ୍କିତ ପଦଟି ନାମ/ ସଂଜ୍ଞା/ ବ୍ୟକ୍ତି ବାଚକ ବିଶେଷ୍ୟ|

**S27.Ans.(b)**
**Sol.** ଯେଉଁ ବିଶେଷ୍ୟପଦ କୌଣସି ନିର୍ଦ୍ଦିଷ୍ଟ କ୍ରିୟା ବା କାର୍ଯ୍ୟର ନାମକୁ ବୁଝାଏ, ତାହାକୁ କ୍ରିୟାବାଚକ ବିଶେଷ୍ୟ କୁହାଯାଏ|

**S28.Ans.(c)**
**Sol.** ଅଭ୍ୟାସ ବା ନିପୁଣ ଅର୍ଥରେ ଖେଳାଳିଟି 'ଆଳି' ପ୍ରତ୍ୟୟ |

**S29.Ans.(a)**
**Sol.** ଶ୍ରଦ୍ଧାଳୁ

**S30.Ans.(a)**
**Sol.** 'ସମୁଦ୍ରଗଭୀର' ଉକ୍ତ ପଦଟି ଉପମାନ କର୍ମଧାରୟ ସମାସ |

**S31.Ans.(a)**
**Sol.** 'ଜାୟା ଓ ପତି' ଏହି ବ୍ୟାସ ବାକ୍ୟଟିର ସମସ୍ତ ପଦ ଦମ୍ପତି ହେବ |

**S32.Ans.(a)**
**Sol.** ବହନ କରିବା ମିଶ୍ର କ୍ରିୟା |

**S33.Ans.(c)**
**Sol.** ଭିକାରି ପବନକୁ ପଇସା ମାଗିଲା | ଉକ୍ତ ବାକ୍ୟର କ୍ରିୟାର ରୂପ ଦ୍ୱିକର୍ମକ |

**S34.Ans.(b)**
**Sol.** 'ଦେଶଦ୍ରୋହୀକୁ ଧିକ୍' ରେଖାଙ୍କିତ ପଦର ସକାରଣ ବିଭକ୍ତି ନିର୍ଣ୍ଣୟ କଲେ ଧିକ୍ ଯୋଗେ ଦ୍ୱିତୀୟା ବିଭକ୍ତି ହେବ |

**S35.Ans.(c)**
**Sol.** ମୋତେ ରସଗୋଲା ଭଲ ଲାଗେ | ରେଖାଙ୍କିତ ପଦଟି ଚତୁର୍ଥୀ ବିଭକ୍ତି |

**S36.Ans.(a)**
**Sol.** ପାରିପାର୍ଶ୍ୱିକ ଅବସ୍ଥା ସହିତ ମିଳାଇ ଚାଲିବା

**S37.Ans.(a)**
**Sol.** ମଣିଷ

**S38.Ans.(b)**
**Sol.** ଯୁଗଧର୍ମକୁ ଗ୍ରହଣ କରି

**S39.Ans.(d)**
**Sol.** ମାନସିକ ଦୁର୍ବଳତା ଯୋଗୁଁ

**S40.Ans.(c)**
**Sol.** ଅନୁନ୍ନତ

**S41. Ans.(c)**
**Sol.** ଧର୍ମୋନ୍ମତ୍ତମାନେ

**S42. Ans. (a)**
**Sol.** ଈଶ୍ୱରଙ୍କୁ ଭଲ ପାଇବା

**S43. Ans. (a)**
**Sol.** ଗୀତା

**S44. Ans.(b)**
**Sol.** ବିଷ୍ଣୁପୁରାଣ

**S45. Ans. (c)**
**Sol.** ହିନ୍ଦୁଧର୍ମ

**S46.Ans.(d)**
**Sol.** ସେମାନେ ମନକୁ ନିଜ ଆୟତ୍ତରେ ରଖିଥିବା ହେତୁ

**S47.Ans.(c)**
**Sol.** କ୍ରିୟାର ଦାସ

**S48.Ans.(b)**
**Sol.** ଶରୀରକୁ ମନର ଅଧୀନ

**S49.Ans.(a)**
**Sol.** ଏକମନ ହୋଇ ଅଙ୍କକଷୁଥିବାରୁ

**S50.Ans.(d)**
**Sol.** କ୍ଳାନ୍ତି